
1959

17 JU

# ଯଉବନ ଯେବେ ଡାକେ

ଶ୍ରୀ ନାରାୟଣ ପ୍ରସାଦ ସିଂହ

—ପ୍ରକାଶିକା—

ଶ୍ରୀମତୀ ସୁମିତ୍ରା ଦେବୀ

ଶ୍ରୀମତୀ ଗିରବାଳା ଦେବୀ

କେନ୍ଦ୍ରାପଡ଼ା, କଟକ

ପ୍ରଥମ ପ୍ରକାଶ—୧୯୫୨

ମୂଲ୍ୟ— ନଅଅଣା ମାତ୍ର

ମୁଦ୍ରାକର

ଶ୍ରୀ ନରେନ୍ଦ୍ରଚନ୍ଦ୍ର ପ୍ରଧାନ

ଜ୍ୟୋତି ପ୍ରେସ, କଟକ-୨

ଯଉବନ ଯେବେ ଡାକେ ନାହିଁ, ସେହିପରି ବୟସ ଓ ପରିସ୍ଥିତି ଭିତରେ ପଢ଼ି 'ଯଉବନ ଯେବେ ଡାକେ' ପାଣ୍ଡୁଲିପିଟି ପଢ଼ିଲି । ତେଣୁ କେତେକ କବିତାର ଅନୁଭୂତି ମଧୁମୟ ଅତୀତର ଏକ ସ୍ୱପ୍ନାଚ୍ଛନ୍ନ ମରୀଚିକା ଭଳି ମନେହେବା ବିଚିତ୍ର ନୁହେଁ । ବାସ୍ତବିକ ଯେଉଁ ବୟସ ଓ ଯେଉଁ ପରିସ୍ଥିତି ଭିତରେ ରହି ଯୌବନ—ସୁଲଭ ଭାବାବେଗ, ରଙ୍ଗୀନ ପ୍ରହେଳିକା ଓ ଉଦ୍ଦାମ ଉଦ୍ଭ୍ରାନ୍ତ କଳ୍ପନା ଏବଂ ପ୍ରିୟା ବିଚ୍ଛେଦକାତର ଓ ପ୍ରିୟା ମିଳନ ଯାମିନୀର ଅନୁଭୂତ ଅସତ୍ୟ, ଅସଂଯତ ଓ ଅଥବା ପର ବୋଧହୁଏ, ସେହି ବୟସ ଓ ଅବସ୍ଥାରେ ପଢ଼ି 'ଯଉବନ ଯେବେ ଡାକେ' କବିତାକୁ କେବଳ ସୁଦୂର ବିଗତର ଡାକ ରୂପେ ଅନୁଭବ କିମ୍ବା ବିଚାର କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ସେହି ଅତୀତର ଡାକ ରୂପେ କେତୋଟି କବିତାର ଭାବ ଓ ସଙ୍ଗୀତ ମୋତେ ସୁଖ ଲାଗିଲା । ଭାଷା, ଛନ୍ଦ, ଉପମା ଅନୁପ୍ରାସ କିମ୍ବା ବର୍ଣ୍ଣନାଚ୍ଛଟା ବିଷୟରେ ଏହି ପ୍ରାଥମିକ ଉଦ୍ୟମଟି ସହୃଦୟ ପାଠକମାନଙ୍କ ଦ୍ୱାରା ବିଚାର୍ଯ୍ୟ ।

"ସ୍ୱପ୍ନ-ପୁରୀ"
କଟକ } କାଳନ୍ଦୀଚରଣ ପାଣିଗ୍ରାହୀ

ଉତ୍କଳ ସଂ...
ନଂ
ତା 17 JUL 1959

କବିତା,

ତୁମକୁ ପାଇ ମୋ ଦରଦୀ ଜୀବନ
ମୁଖରିତ ହେବ ନିତ;
ମରମର ତଳେ ଛନ୍ଦ ତୋଳିବ
ଛନ୍ଦେ ରଚିବ ଗୀତ ।

—ନାରାୟଣ—

17 JUL 19

# ନିଜକଥା

ଏହି ଲକ୍ଷ ବିହୀନ କେତୋଟି କବିତା କାହାର ହୃଦୟରେ କି ଝଙ୍କାର ତୋଳିବ ଜାଣେ ନା, ତଥାପି—ଯଦି କେହି ଏହା ପଢ଼ି ନିଜ ଜୀବନର ସୁଖ ଦୁଃଖକୁ କବିତାର ଭାବ ସହିତ ମିଳାଇ ନେଇ ପାରନ୍ତି ତାହାହେଲେ ସୁଖୀ ହେବି ।

ପଟେଲ ଭବନ
ମହାଳୟା ୧୯୫୨

ବିନୀତ
ଲେଖକ

ନରମ ନରମ ରକତ ସକାଳୁ

ପିକ ଡାକେ ବସି ତମାଳର ଡାଳୁ

କୁହୁ ଗୀତ ଗାଇ

ବଣେ ଦୁନିଆଁ ସାରା

ତନ୍ଦ୍ରୀ ପରଶେ ସେ ଗୀତ ଶ୍ରବଣେ

ପ୍ରାଣେ ପୁଲକେ ଭରା ।

# ପଥଗୃହୀ

ଯାଜବନ ଫୁଲ୍ ବନେ
ବାସନା ଜଗାଇ ମନେ
କହିଲ୍ ମୋ କାନେ କାନେ
"ସାଥି କରି ନିଅ ସଖା;
ଆସିଲ ଛନ୍ଦ ରଚି
ଅଳପ ଅଳପ ହସି
ପ୍ରେମ ଗୀତ ସୁଧା ଢାଳି
ଏତିକି ମାତର ଅଳି ।

ଜୀବନେ କାହାକୁ ଭଲ
ଆଖିପତା ଟେକି କା'ରେ
ପହିଲ୍ ଜୀବନ ମୋର
ନ ଅଣି ଗୋ ମନେ କିଛି
ପାଇଥ ନ ଥିଲି କେବେ
ଗୃହିଁତ ନ ଥିଲି ଲବେ
ହେଲା ଅତି ଗଉରବ
ଧରି ନେଲି ହାତ ତବ ।

ପାଶେ ପାଶେ ରହି ସଦା
ଦେଖାଇଲି ଜଗତର
ଫୁଲରାଣୀ ଦେଖିଥିଲି
ଯଜବନ ବୁକେ କିଆଁ
ନୂଆ ନୂଆ କଥା କହି
ସୁଷମାର କେତେ ଛବି
କେତେ ଅଳି ଦଗାଦିଆ
ଜାଳିଦିଏ ଚାଷା ନିଆଁ ।

ଲେଡ଼ା ହେଲା ଶେଷେ ମୁଢ଼ି
ବୁବ, ବରକୋଳି ଆଉ
ନୁହେଁ ତାହା ଆମ ପାଶେ
ତଥାପି ରହିଛି ଗୃହୀ
ଅନୁମତ ସମାଜର
ଆୟୋଜନ ବିବାହର
ବେଶୀ ବଡ଼ ଆଉ ଭାରି
ହୋଇ ପଥ ପଥ-ଗୃହୀ ।

# କେତେ ବାଟ

ଚଇତ ସଂଜର ସବୁ ବଙ୍କା ଜହ୍ନ ଉଇଁଲାଣି
ଦେବତା ଦେଉଳେ ସଂଧ୍ୟା ଆରତି ବାଜିଲାଣି
ଗୋଧୂଳି ସୁନେଲି ସୁରୁଯ ଗଲାଣି ଅପସରି
ଉଦାସୀ ବଇଁଶୀ ଡାକୁଅଛି କା'ର ନାମ ଧରି ।

ନଈକୂଳ ଧାରେ ଫଗୁଣ ପରଶ ଯାଏ ମାଗି
ନୂଆ ଯଉବନ କଅଁଳ ମାଉଁସ ଯାଏ ଚୁମି
ଶିରା ପ୍ରଶିରାର ଗରମ ରକତ ଉଠେ ଚେଇଁ
ମନ ଡେଇଁଯାଏ ସାତ ସମୁଦର ତେର ନଈ ।

ସାତ ସମୁଦର ତେର ନଈ କୂଳେ ରଜାଘର
ରାଜକୁମାରୀର ସଜଡ଼ା ଗଭାର ଫୁଲହାର
ପାଣି ଛୁଏ ତାର ବାସ ଭାସିଆସେ ମୋର ପାଶେ
ମନ ଲୁଚିଯାଏ ସେଇ ବାସନାରେ କେଉଁ ଆଶେ ।

ନଈକୂଳେ ମୁହିଁ ଦ୍ୱିଶାସ୍ତ୍ରର ରୁଦ୍ଧ ବନ୍ଧୁଦ୍ୱାରେ
କ୍ଷମ ନୁହିଁ ଖାଲି ଦୂରତା ତାହାର ମାପିବାରେ
ପାଇବାର ଆଶା ଜୀବନେ କରିବା ଅକାରଣେ
ପାଇଗଲେ ପରା ଜୀବନେ ନ ଥାଏ ଜାଗରଣ

ଯଉବନ ଡାକେ "ନ ଡରି ଆଗକୁ ଆସ ଚାଲି
ପ୍ରେମର ରାଇଜେ ମାନ ଅପମାନ ଯାଅ ଭୁଲି"
କୂଳେ ଚୁଲେ ମୁହିଁ, ପଥ ସରେ ନାହିଁ ଦୂରବାଟ
ମନେ ସଦା ଜାଗେ ରାଜବାଟୀ ଆଉ
କେ······ତେ······ବା······ଟ !

# ଭଲ ପାଏ

ଜଂଜାଳ ଭରା ଏ ମୋର ଜୀବନ ସନ୍ଧ୍ୟ ଗୋ
ଧନ୍ୟ ହୋଇଛି ତମର ପରଶ ପାଇ ଗୋ
ଅନ୍ତରେ ଖେଳେ ପ୍ରେମର ଜୁଆର ପୁରବୀ
ଜୀବନ ହୋଇଛି ନନ୍ଦନ ବନ ସୁରଭି ।

କୈଶୋରେ କେତେ ତନ୍ଦ୍ରା ଜଡ଼ିତ ସପନ
ଯୌବନେ ଭରା ମନ୍ଦ ମଳୟ ପବନ
ଉନ୍ମାଦ ମୋତେ କରିଥିଲା ପ୍ରେମମୟୀ ଗୋ
ନିର୍ଜନେ ତମ ପ୍ରେମର ପରଶ ପାଇ ଗୋ ।

ଜୀବନେ ମୋହର ପ୍ରୟାସ ହୋଇଛି ପୂର୍ଣ୍ଣ
କେବଳ ତମରି ପରଶ ପାଇ ଗୋ ସ୍ୱର୍ଣ୍ଣ
ବେଦନା ଦୈନ୍ୟ ସବୁ ଏ ଜୀବନୁ ଭୁଲିଛି
ନବ ଯଉବନେ ନବ ଅଭିସାରେ ସାଜିଛି ।

ଦେହେ ମୁଁ ପାଇଛି ନୂତନ ଗୋଲାପ ଗଂଧ
ମିଳନେ ଶୁଣିଛି ଅସରା ରାଗିଣୀ ଛନ୍ଦ
ପରାଣେ ବହୁଛି ରସ ହାସ ଭରା ଉଟିମା
ପ୍ରେମ ପାଇଁ ମୁଁ ଗୋ ଅଷାଢ଼ ଆକାଶ ମାନି ନି ।

ମାନିନି ଗୋ ସନ୍ଧ୍ୟ କୃଷ୍ଣା ତମିର ରଜନୀ
ଭୁଲିଛି ମୁଁ ଦୂରେ ଦାରୁଣ ନିଦାଘ ସଜନୀ
ମନ୍ଦନ ରହିଲା ଏତେବେଳେ କାହିଁ କହ
ଜୀବନ କି ରହେ "ତୁମେ ଯେବେ ଛଡ଼ି ରହ ?"

ନ ଭାବିବ ସଖି ଏ ସବୁ ମୋହର କଳ୍ପନା
ତମ ପାଇଁ ଖାଲି ନୀରବ ବେଳାର ବନ୍ଦନା
ଦୁଃଖ ନାହିଁ ମୋ ସେଥିପାଇଁ ଲଭିବେ ସଖି ଗୋ
ନୟନ ମିଶାଇ ନୟନର ସାଥେ
"ଭଲପାଏ" ଥରେ କହ ଗୋ ।

---

# ଆ ଗ ମ ନୀ

ଶିର ଶିର ଶିର ବହୁଛି ମଳୟ ବସନ୍ତର ଆଗମନେ
ଲଳିତ ସ୍ୱନରେ କୋଇଲି ଡାକୁଛି ଦୂର ସହକାର ବନେ
ପହିଲି ବସନ୍ତ ବାଆର ପରଶେ
ନାଚି ଉଠେ ତନୁ ପୁଲକ ହରଷେ
ହେ କିଶୋରୀ । ତମେ କି ଅବା ଭାବୁଛ ଗୋପନେ କହ ମୋ କାନେ ।

ଦେହେ ମନେ ମୋର ଜାଗଉଠେ କିଏ, କିଏ ସେ ସାରଇ ମହତ
ସନ୍ଧୁ ଶୀତ ବାଆ ତନୁ ମନ ମୋର ଶିହରାଇ ଦିଏ ସତତ
ମଳୟର ଏହି ପ୍ରଥମ ବାସନା
ମନ ତଳେ ତଳେ ରଚଇ କାମନା
ଯୌବନଟା କିଆଁ ନୂଆ ନୂଆ ଲାଗେ ଏ ମଧୁ ଲଗନେ କହନ୍ତି ।

ଥର ଥର କର     ଦେହେ ଦେହେ ମୋର ସୁଦୂର ବାସନା  ଜାଗେ
ପରାଣ ଦେବତା    ଅଶାର ମୁକୁଳା        ଦୁଅରେ କି ପୂଜା  ମାଗେ
ଗୋଲାପ ଓଷ୍ଠେ ଶତ  କଂପନ
ମିଳାଇ ଦିଏ ଗୋ ମନ ସାଥେ ମନ
ମୁକୁଳା ଜୀବନ       ଅକୁଳ କରି ସେ    କିପରି ଚମକ   ଲାଗେ ।

ନରମ ଘାସର        ସରମ ବିତାନେ     ବାଳ ସୂର୍ଯ୍ୟର   କିରଣ
ପୋଛିଦିଏ  ଯେତେ  କାକରର ଲୁହ       ହସି ହସ କରେ ବରଣ
କଳିକା ଗୋଲାପ ହୁଏ ବିକଶିତ
ବାଟ ଭୁଲି ଅଳି ଯେବେ ଚମକିତ
ସମୀରଣେ ଚଳି "ନାହିଁ ନାହିଁ" ବୋଲି ଲାଜେ ଲାଜେ କରେ ବାରଣ ।

ପଥ ଭୁଲି ଅଳି   ଭାବି ମୋତେ ସଖି   ନ କହ କି କଥା ଅଭିମାନେ
ନୟନର ନୀରେ   ନାହିଁ ଗୃହିଁ ନାଗି    ଏ ମୋର ସପନ ଯଉବନେ
ନ ରଖ ଗୋ ଆଜି ମନେ ଅବଶୋଷ
ଅତୀତର ଯେତେ ଦରଦ  ପରଶ
ଲଭାଇ ଦିଅ ଗୋ   ଦର ଦର ହସି   ଜୀବନର ନୂଆ ନିମନ୍ତ୍ରଣେ
ଶିର ଶିର ଶିର      ଡାକନ୍ତି ମଳୟ   ତମର ଆସବ ବାତାୟନେ ।

# କିଆଁ ଏତେ ଭଲ ଲାଗ

ଭଲଲାଗେ ମୋତେ   ଦେଖିବାକୁ ଚନ୍ଦ୍ର   ବାଦଲର ଲୁଚକାଳି
ନିରୋଳା ଆକାଶେ   ଚାହିଁ ଗଣିବାକୁ   କୋଟି ତାରା ଅସୁମାରି
ଭଲ ଲାଗେ ମୋତେ   ବାସ ମଧ୍ୟେ ଭରା   କୋଟିଏ ହେନାର ଗନ୍ଧ
ମନ ଠକିଯାଏ   ବଇଁଶୀରେ ଦେଲେ   କୋମଳ ପୂରବୀ ଛନ୍ଦ

ଭଲ ଲାଗେ ସଜ   ଗୋଲାପଟି ତମ   ମଥାରେ ଦେବାକୁ ଖୋସି
ଫୁଟେଇଁ ଜହ୍ନର   ଭରା ଚାନ୍ଦନୀରେ   ଅଭିସାର ଥିଲେ ରଚି
ଅଳପ କଥାରେ   ତମର ସାଥିରେ   ରହି ରହି ଅଭିମାନେ
ଅଳପ ମଧୁର   ଚୁଟୁକଥା ପଦେ   କହୁ ଦିଏ କାନେ କାନେ

ନୀଳ ଘନ ପାଶ   କଜଳ ବେଣୀକୁ   ଅଳପକେ ଦେଲେ ଠାଣି
ସେ ମୁରୁକି ହସ   ଝରେ ତମ ମୁଖୁ   ଭଲ ଲାଗେ ମୋତେ ପୁଣି
ବାର ବାର ମୋତେ   "ଚପଳ" କହ ଗୋ ମରମରେ ଝରେ ଲୁହ
ଯେତେ କହିଲେ ମୁଁ   ନ ଛାଡ଼େ ତୁମକୁ   କହେ ଆଉଥରେ କୁହ ।

"କବି" ବୋଲି ଥରେ ଶୁଣିଲେ ତୁମଠୁଁ   ମନେ ଅତି ଗଉରବ
ଅସାର ଏ ଡାକ   ସାଟେ ସବୁ କିଛି   ଜୀବନର ବଇଭବ
କୋମଳ ମଧୁର   ହସ ହସ ଭରେ   କେତେ କେତେ ଉପହାସ
ଭରିଦିଏ ଭାବ   ନୀରସ ପରାଣେ—   କେବେ ଅବା ଅଭିଳାଷ ।

ଧୀର ମୃଦୁ ଭାଷା   ଅଳସ ଗମନ   ତଳ ତଳ ମୁଖ ଶଶୀ
ହସି ହସାଇଲ   କେତେ ମଧୁ ଭାଷେ ସପନ ତରୀରେ ବସି ।
ଶୟନେ ସପନେ   ଜାଗରଣେ କିବା   ମନେ ମୋର ସଦା ଜାଗ
ଛଳ ନୁହେଁ ସହି   ସତେ ମୁଁ ପଚାରେ କିଆଁ ଏତେ ଭଲ ଲାଗ ?

# ମନର ଯେତେ ଆଶା

ମୁକ୍ତ ପବନେ  କୁନ୍ତଳ ରାଶି  ଉଡ଼େ ତମ ଫର ଫର
ଜୋଛନା ନାଇ  ଶୁଭ୍ର ବସନ  ଖସିଯାଏ ଥର ଥର
କୃଷ୍ଣ କେଶର ଭାର
ଲମ୍ବିତ ବେଣୀ  କଟୀ ଦେଶ ଖାଲି  ଚୁମ୍ବେ ଗୋ ବାର ବାର ।

କଣ୍ଠ ତଟେ ଗୋ  ସ୍ୱର୍ଣ୍ଣ ପଦକ  ଅଜଣାର ମନ ମୋହେ
କର୍ଣ୍ଣର ଦୋଳ  ଦୋଳି ଖେଳ ଧୀରେ  ଗଣ୍ଡେ ପରଶ ଦିଏ
ସ୍ନିଗ୍ଧ ଲପନ ଶୋଭା
ଅନ୍ତରେ ଦେଖି  ମନ୍ତ୍ରର ଭଳି  ଉଇଁ ଆସେ କାମ ଆଭା ।

ବଙ୍କ ଚାହାଣୀ  ନିର୍ଜନେ ହାଣି  ଚୁମ୍ବକ ଲୁହା ସମ
ଭଙ୍ଗୀ ଧର ଆହା  ହେ ଚିର ମାନସୀ  ଅନୁପମ ଅଭିରାମ
ମର୍ତ୍ତ୍ୟ ରୂପସୀ ପରି
ଅସରା ପୀରତି  ତଟିନୀ ବହଇ  ମନ୍ଥ ଅନ୍ତର ଭରି ।

କଟୀ ମଧ୍ୟମା,  ଉନ୍ନତ ବକ୍ଷ  କାବ୍ୟ ନାୟିକା ପ୍ରାଏ
ତମ ଯଉବନ  ଆଜୀବନ ଯେବେ  କାମ ଆଶା ଜନମାଏ
ଦୀପ୍ତି ଆଲୋକ ସମ
ଶୟନେ ସପନେ  ଜାଗରଣ ଭାବେ  କେତେ ତମେ ମନୋରମ .

ନୟନ ଦୁଇ ମୋ  ନୟନର ସାଥେ  ଥରେ ଥରେ ଗଲେ ମିଳି
ଚଞ୍ଚଳ ଚାଲ  ଚରଣ ଯୁଗଳ  ସରମରେ ଦିଅ ଗୁଳି
ହାସ୍ୟ ସ୍ଫୁରଇ ମୁଖେ
ଭଉଁରୀ ସୁଅରେ  ଝଡ଼ା ଫୁଲ ପରି  ହଜିଯାଏ ସେହି ସୁଖେ ।

ଗନ୍ଧ ଅକୂଳ   ମୁକ୍ତ ବକୁଳ   ଶୁଭ୍ର ଜୋଛନା ଛଳେ
ବନ୍ଧନ ହୀନ   କାଳ ମୋ କାଟନ୍ତି   ପ୍ରଣୟର ଗୀତ ଛଳେ
ଜୀବନ ଯୌବନ ଆମ
ଏହ୍ମା ମହ୍ମାଉଳେ   ଧନ୍ୟ ହୁଅନ୍ତା   ସୁଖେ କାଟି ଦବା ଯାମ ।

ଋଷି ସିନା କେବେ   ଭୁଲିଥିଲେ ଦେଖି   ମେନକାର ରୂପ ଶିଖା
କାନ୍ତୁ ନୟନେ   ଦେଇଛ ଟଳାଇ   ଆସନ ମୋର କଣୋଷ୍ଟା
ସୁପ୍ତ ସିଂହର ସମ
ଆଶାର ଆଲୋକ   ଜଳି ଜଳି ଉଠେ   ସାନ୍ନିଧ୍ୟେ ଆସି ତମ ।

ମନ ଛୁଟିଯାଏ   ବିଜନ ବିରହ   ବିଧୁର କପୋତ ପରି
ଖୋଜି ବୁଲେ ଖାଲି   କାମ୍ୟ ପ୍ରେମ ଗୋ   ଦେବକ ଚୁମର ସରି
ପଥେ ଝଂଜା ନିଇରଣ
ପରମାଦ କାନ୍ଥୁ   ନ ପଡ଼ୁ ବାଢ଼ୁ ହେ   ମେଣ୍ଟୁ ମୋହର ଆଶ ।



# କୁମୁଦିନୀର ବିଳାପ

କାହର ଲୁହେ
ଭିଜାଇ ବୁକୁ
ଅନାଇଁ କୁମୁଦନୀ
ଗହନ ଘନ
ଅନ୍ଧକାରେ
ମରମ ଭାଷା ଢେଳି ।

ପାହିବ ରାତି
ଡାକିବ କାକ
ସମୟ ଯାଏ ବହି
ବେଳୁ ବେଳ ଯେ
ହୁଏ ଉଚ୍ଛୁର
ଚନ୍ଦ୍ର ଦେଖା ନାହିଁ ।

ଆଜିର ଏଇ
ଅଭିସାର କି
ବିଫଳେ ଯିବ ବିତି
ଆସିବେ ନାହିଁ
ପରାଣ ସାଥୀ
ଚୁମ୍ବିବେ ନା ମୁଖ ।

କୁମୁଦ କହେ
ବାଦଲ ଦେଖି
ଆସିବେ ନାହିଁ ଦେବ

ଯଉବନ ମୋ
ନୟନ ନୀରେ
ଅକାଳେ ମଉଳାବ ।

ନିଠୁର ମେଘ
ନିଠୁର ମେଘ
ମିନତି କରେ ମୁହିଁ

ଛାଡ଼ ହେ ପଥ
ଆସିବେ ସଖା
ଜୋସ୍ନା ରଥ ବାହି ।

"କୁମୁଦ, ତମେ
ଅଧୀର ନୁହଁ
ପୋଛ ଗୋ ଅଖିଲୁହ

ମେଘ ଓଢ଼ଣୀ
ତଳରେ ଅନା
ପୁନଅଁ ଚାନ୍ଦ ମୁହଁ ।

# ଫଗୁଣ ଆସିଛି

ଭରା ଫଗୁଣ ଅଜ ଧରା ଦୁଆରକୁ ଆସିଛି ଗୋ ଅଜ ଆସିଛି ଗୋ
ଅଙ୍ଗ ଗନ୍ଧେ ଲାଗିଅଛି ସୁରା
ନୟନେ ତାହାର ଅଲସ ମଦିର
ଓଠପୁଟେ ତାର ଆରଥର ପରି ହସଟିଏ ଲାଗି ରହିଛି ଗୋ ।
ଭରା ଫଗୁଣ ଆଜ ଧରା-ଦୁଆରକୁ ........

ପୁଲକେ ନାଚୁଇ ହିଆ ଥରେ ଥରେ
ଆଡ଼ ନୟନରେ ଚାହିଁ ବାରେ ବାରେ
ଛନ ଛନ ନେନେ ନସ୍ତା ହରିଣୀ ଚକିତ ଚାହାଣୀ ଆଙ୍କିଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ........

ପଦେ ପଦେ ତାର ନୃତ୍ୟର ଠାଣି
ଶତ ଶଯ୍ୟାର ଶିଂଜନ ଜାଣି
ଭରା ଯଉବନେ ବକ୍ଷ ତାହାର ମଡ୍ୟ ସୁଷମା ଜଣିଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ........

ମଳୟ ତାହାର ଆଗମନୀ ଜାଣି
ପାରିଜାତ ହେନା ବାସ ଲୁଟି ଆଣି
ଫଗୁଣ ରାଣୀର ପାଠ ପଣତରେ ସଯତନେ ବୋଳି ଦେଇଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକ........

ନୀଳ ବନାନୀର ଆବରଣ ତଳେ
ପିକ ପଞ୍ଚମ ନିସ୍ୱନ ତୋଳେ
ସହକାରକୁ ଆଜ ସବୁଜ ପତର ନବ ମୁକୁଳରେ ଭରିଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ........

ପ୍ରିୟା ମୋର ଆଜ ଭଗ୍ନ କୁଟୀରେ
ସଜାଇ ଶରୀର ରୂପ ସମ୍ଭାରେ
ଅଳସ ନୟନେ ଉଦ୍‌ବେଗେ ପୁଣି ଅଭିସାର ପଥେ ଆସିଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ.........

ଫଗୁଣ ଡାକୁଛି ଅଳପ ଇଂଗିତେ
ମାନସୀ ମୋ ଭରା ଅଭିସାର ପଥେ
କାହା କଥା ଆଜ ଶୁଣିବ ମୁଁ ପୁଣି କାହାରେ ନୀରାଜନା କରବ ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ.........

ଜଣେ ଭରଦାଏ ପୁଲକ ପରଶେ
ଜଣକ ପାଇଁ ମୁଁ ଦୁନଆଁରେ ଜଣେ
କାହାରେ ପ୍ରଥମେ ଅର୍ଘ୍ୟ ଜାଳିବ ଶଙ୍କାରେ ଏବେ ପଡ଼ିଛି ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ.........

ସହଚରୀ ଆସ ଅଭିସାର ରତ
ଫଗୁଣ ରାଣୀର କୋଳେ ହସି ହସି
ଦୁହିଁଙ୍କୁ ଦେବ ଅର୍ଘ୍ୟ ସାଦରେ ଦୁହିଙ୍କୁ ଆଜ ମୁଁ ତୋଷିବ ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ.........

ପରଦେଶୀ ପ୍ରିୟା ବିଚ୍ଛେଦ ବରଷେ
ଫଗୁଣ ବାହୁଡ଼ା ହେଲାଣି ବରଷେ ।
ଦୀର୍ଘ ବିଚ୍ଛେଦ ପରେ ମୋ ମିଳନ ମଧୁମୟ ଆଜ କରବ ଗୋ ।
ଭରା ଫଗୁଣ ଆଜ ଧରା ଦୁଆରକୁ ।
ଆସିଛି ଗୋ ଆଜ ଆସିଛି ଗୋ ।

# ଅଭିସାର

ବରଷା ନିଶୀଥ ହେ ଅଭିସାରିକା ପ୍ରିୟା
ଅଙ୍ଗେ ଜଡ଼ାଇ ଗନ୍ଧ ବକୁଳ ସୁରଭି
ଅଧରେ ବନ୍ଧୁ, ଆକୁଳ କଲି ମୋ ହିଆ
କଣ୍ଠେ ତୋଳିଲି ଛନ୍ଦ ମଧୁର ପୂରବୀ ।

ଝିପି ଝିପି ବାରି ଆର୍ଦ୍ର ତିମିର ପଥ
ଭ୍ରାନ୍ତ ବରଜ କୁଣ୍ଠା କଲି ନା ତିଳେ ଗୋ
ଗୋପନ ଆଶାର ପୂରଣେ କି ମନୋରଥ
ମୋହର ଅଭିସାରେ ପୀରତି ଏତିକି ମିଳେ ଗୋ ।

ଦୁଗ ଫେନିଳ ନିଭୃତ ତୁଳି ତଳପ
କଣ୍ଟକ ସମ ଲାଗିଲା କି ଦୁର୍ବହ
କାନେ କହେ ପ୍ରିୟା ଇଙ୍ଗିତ ଦେଇ ଅଳପ
"ବନ୍ଧୁରେ ତମର ସାର ହୁଏ ଖାଲି ବିରହ ।"

ଓଷ୍ଠ ଥରିଲା କଂପିଲା ଅପଧନ
ଜନତ ମଥା ବକ୍ଷେ ଛୁଇଁଲା ହସି
ଆବେଗେ ନିବିଡ଼େ ଶିହରାଇ ଯଉବନ
ଉତ୍ତରେ ଚୁମ୍ବି ବର୍ତ୍ତୁଳ ମୁଖ ଶଶୀ ।

"ପାଇ ମୁଁ ପରଶ ଧନ୍ୟ ହୋଇଛି ସନ୍ଧୁ ଗୋ
ଜଳଦ ଭରା ଏ ଶିରାବଣ ଘନ ରାତିରେ
କଳପନା ମମ ଅସୀମ ପଥରେ ବନ୍ଧୁ ଗୋ
ଖେଳା ରଚେ ତମ କନକ କୋମଳ ସ୍ମୃତିରେ ।"

# ସପନ ଦେଶ

ଜଗତର ବାଧା ବନ୍ଧନ ଏଡ଼ି ଯାଆନ୍ତି ମୁଁ ଗୁଲି ତହିଁ
ଯହିଁ ତାରା ଖେଳେ ରାକା ଶଶୀ କୋଳେ ସରାଗରେ ରହି ରହି ।

ସମୀର ହାଲଏ ଫୁଲର ନରମ କଅଁଳ ପାଖୁଡ଼ା ଗୁଣ୍ଡି
ଯେଉଁ ରାଇଜରେ ବାସୀ ଗୋଲାପଟି ମଉନେ ନ ଯାଏ ଝଡ଼ି ।

କୁସୁମ ସୁରଭି ଗଗନେ ପବନେ ମିଶି ଭଲସାଏ ହିଆ
ଯଉବନ ମଧୁ ଛଳ ଛଳ କରେ ମହୁଆ ଫଗୁଣ ବାଆ ।

ତମାଲ ଶାଖାରୁ କୋକିଲ କୂଜନ ଶୁଭୁ ଥାନ୍ତା କୁହୁ କୁହୁ
ଗୁଣୁ ଗୁଣୁ ସ୍ୱନେ ଚପଳ ଭଅଁର ଶୋଷୁଥାନ୍ତା ମିଠା ମହୁ ।

ଜୀବନର ଶତ ଅଭାବ ପାଇଁ କି ନ ଥାଆନ୍ତା ଆକୁଳତା
ଉଚ୍ଚ ନୀଚ ପୁଣି ଭେଦ ଭାବ ସହ ସମାଜର ଇତରତା ।

ଜରା ମରଣର ଶୀତଳ ପରଶ ପରଶୁ ନ ଥାନ୍ତା ଲୋକେ
ଯଉବନ ଖାଲି ଲାଗି ରହି ମହୁ ଶୋଷୁଥାନ୍ତା ଥୋକେ ଥୋକେ ।

ସଙ୍ଗରେ ଥାଆନ୍ତା ମାନସୀ ପ୍ରିୟା ମୋ ବୁକେ ଥାପି ତାର ମଥା
ଶୁଣାଉ ଥାଆନ୍ତି କାନେ କାନେ ମୁହିଁ ଅଭୁଲା ପ୍ରଣୟ କଥା ।

କଜଳ କବରୀ ଚକଣ ଚକୁର ମୃଦୁ ବାତେ ଗଲେ ଲୋଟି
ସାଉଁଳି ଅଧରେ ଦାଅନ୍ତି ସରାଗେ ଚୁମ୍ବନ କୋଟି କୋଟି ।

ଏସନ ରାଇଜେ ଦୁଇ ପ୍ରାଣୀ ଆମେ ନୀଡ଼ଟି ରଚିଲେ ଯାଇ
ମନର ବାସନା, କଳପନା କିବା ସଫଳ ହୁଅନ୍ତା ନାହିଁ ?

# ବ୍ୟବଧାନ

ଦୁଇଦିନ ତଳେ କି ଅବା ଥିଲା
ଦୁଇଦିନ ପରେ କି ଅବା ହେଲା
କହିବ କାହାକୁ ଶୁଣିବ କିଏ
ଶୁଣିଥାନ୍ତା ଯିଏ ନାହିଁ ତ ସିଏ ।

ଯା ଲାଗି ସପନେ ଖେଳେ ମୁଁ ଖେଳ
ଯା ଲାଗି ନୟନୁ ବହେ ମୋ ନୀର
ରହିଲା ସେ ଆଜ, ସେ କେଉଁ ଦେଶେ
ଛଳନାମୟୀର ଛଳନା ବେଶେ ।

ଦୁଇଦିନ ତଳେ:—

ପାଖ ନଈ ଧାର ଅଗଡ଼ା ପରେ
ବସିଥିଲି ତାର ପାଶରେ ଧୀରେ
ବଦନର କୋଳୁ ଉଠିଲା ହସି
ଲାଜ ଲାଜ ବୋଲା ସରମୀ ଶଶୀ ।

ଚଇତ ରାତିର ନୀରବ ବେଳା
ପାଶେ ଥିଲା ଘନ ବେଣୀ ଛଇଳା
କବ ପ୍ରିୟା ଅଭିମାନୀ କିଶୋରୀ
ମୋ ପାଇଁ ଜୀବନ ସାରା ପାଶୋର ।

ଢଳି ସେ ପଡ଼ିଲା କୋଳ ଉପରେ
ଉଠାଇ ଭିଡ଼ିଲି ବୁକେ ସୁଧୀରେ
କହିଲି "ପ୍ରିୟା ଗୋ ! ପ୍ରଣୟ ତମ
ଜୀବନ କରନ୍ତୁ କି ମନୋରମ ।

ରଖି ନ ପାରିବ ହୃଦୟେ ସତ୍ତା
ଚିରଦିନ ପାଇଁ ପ୍ରେମ ସାଲିଶ
ପ୍ରଣୟୁ ଗ୍ରଚିଣୀ ପାରିବ ଦାଇ
କେବା ଓ କ ହୃଦ:ତାନେ ମିଳାଇ" ।

ନାରୀର କର ତା ବାହୁ ପରଶେ
ନାରବେ ଭାସିଲ ଜୀବନା-ବେଶେ
ଜୀବନେ ଏକଇ କଥା ସୁମର
ପ୍ରତି ଲେମ ମଳ ଉଠେ ଶିହର ।

ଦେହ ସିନା ଆଜ ନେଇଛନ୍ତି କିଣି
ଦେଖାଇ ସମାଜ କାଠୁ କରଣୀ
ମନ ସଦା ବନ୍ଧା ତମରି ପାଶେ
ନ ଲୋଡ଼େ ତ ଅନ ପୀରତି ଆଶେ ।

ଚପଳ ଗୃହଣୀ ଚଇତି ସତେ
ମରଣ ଯେବେ ଗୋ ଅସନ୍ତା ସତେ
ହସି ହସି ଯାଇ କୋଳକୁ ତାର
ଗଳାରେ ଦଅନ୍ତି ବରଣ ମାଳ ।

କଥା ପଦେ ଦେଲା ବୁକୁ ବିଦାରି
ଭାଷିଲ ଦରଦୀ ସୁରରେ ଭାରି
ନ କହିବ ତୁମେ ଏସନ କଥା
କହିଲେ ପାଏ ମୁଁ ଅସୀମ ବ୍ୟଥା ।

ତୁମକୁ ଛାଡ଼ି ମୁଁ ବଞ୍ଚିବ କାହିଁ
କବି ବହୁନେ କି କବିତା ଥାଇ
ତୁମେ ପରି ମୋର ଜୀବନ ଲତା
ଯୁଗ ଯୁଗାନ୍ତର ଅଟ କବିତା ।

ହଁସିଲା ତା କଣ୍ଠୁ ହସ ଫୁଆରା
ଚିର ଯଉବନ ପ୍ରଣୟାତୁରା
"ଗୋଟିଏ ବୃନ୍ତରୁ ଦୁଇଟି ଫୁଲ
ଏ ଜୀବନେ ତାର ଦେବ କେ ମୂଲ ।

ନାଚିଯାଏ ଆଗେ ଅତୀତ ଛବି
ମୁଁ ଯଦି କବିତା ତମେ ତ କବି
କବି କବିତାର ମିଳନ ପ୍ରିୟେ
ଜୀବନେ ସତେ କି ଆନନ୍ଦ ଦିଏ ।

ନଂ...... ତା......

ଦୁଇଦିନ ପରେ:—

ନାହିଁ ଆଜି ସେହି ଜୁହ୍ନି ରାତି
ନାହିଁ ଆଜି ପାଶେ ଜୀବନ ସାଥୀ
ବଦଳେ ଆସିଛି ଘନ ଅନ୍ଧାର
ସାଥେ ତା ଆଣିଛି ବିରହ ଭାର ।

ତରୁଣୀ କବି ତା ପ୍ରଣୟ ହଁରୁ
ହସି ଫୁଲ ସମ ଯାଏ ମଉଳି
କବିତା ହେଲାଣି ସପନ ସମ
ଲେଖନୀ ଚାଳନେ ନ ବଳେ ମନ ।

ସମାଜ ରଖିଛି ଦୁହିଙ୍କି ଦୂରେ
ଏ ପାରି ସେପାରି କାହାର ପୁରେ
ସହକାର ଭଲ ମିଳନ କଥା
ମନୁଆ ଶରତ ଜୋଛନା ବ୍ୟଥା ।

ଭଗବାନ ତମେ ନିଠୁର ଏତେ
କାପର ପରାଣ ଧରିବା ସତେ
ହେ ମାନସୀ ! ତମେ ଦେଲ ଯେତକ
ନେଇଗଲ ତା'ଠୁଁ ବହୁତ ଅଧିକ ।

ହାଇରେ ମାନବ ହାଇରେ ପ୍ରେମ
ପ୍ରେମର କି ଅବା ଏ ପରିଣାମ
ଭିବାଲା ବେଳକୁ ଲାଗେ ସପନ
ଧନ କେଉଁଠାରେ ଏ ବ୍ୟବଧାନ ।



# ବିରହ

ଶରଧାରେ ଅତ ନାଆଁ ଦେଇଥିଲି ରାଜକୁମାର
ଜଗତରେ ଆହା କେହୁ ଜାଣନ୍ତି ନା ଏକଥା ସାର
ଦେଖୁଥିଲି ତମ ନୟନରେ ମୁହିଁ ଚପଳ ଅତ
ଜଣକ ଆଖିରେ ଜଣକୁ ସଜାଏ ସିନା ପୀରତ ।

ଡାକୁଥିଲି ମୁହିଁ ମନ ଗହନର ରାଜକୁମାରୀ
ଚକୋର ଯେସନ ଚକୋରୀରେ ଡାକେ ନଇ ସେପାରି
ଭଲ ଲାଗୁଥିଲା ତମର ମରାଳ ଗତର ଠାଣି,
ମୁଁ ରାଜ କୁମାର ତମେ ସିନା ମୋର ସପନ ରାଣୀ ।

ଭଲ ଲାଗୁଥିଲା ଆହୁରି ଅଧିକ ହେ ପ୍ରିୟତମା
ତମରି କୁଟିର ନୀଳଘନ ଜଣା କେଶ ସୁଷମା
ଭାବୁଥିଲି ମନେ ଲଜ୍ୟା ନମିତ ମୁଖ କମଳ
ମୋ ଆଶା ମଧୁପ ଯା' ପରଶ ପାଇ ହେଲା ଆକୁଳ ।

ଏକୁଟିଆ ଆଜ ପ୍ରାଙ୍ଗଣେ ମୁହିଁ ଉଭୁଳା ମନ
ଆହୁରି ଉଭୁଳା କରୁଛି ଗୋ ଏଇ ପୁନାଅଁ ଜହ୍ନ
ଧନୁ ଧନ ଖୋଲି ବାଧେ ଏ ଜୀବନେ ବିରହ ବ୍ୟଥା
ଯଉବନ ଯାଏ ମନେ ରହେ ଧନ ଧନକ କଥା ।

# ବର୍ଷା ବିରହୀ

ଚଉଦିଗେ ଖାଲି　ଲାଗି ରହିଅଛି　କଜଳ ତମାଳ ଘନ
ଝର ଝର ଝର　ବରଷେ ବରଷା　ବତାସର ଗରଜନ
ବିଜୁ ଝଲକେ　ଅଙ୍ଗ ପୁଲକେ　ପୁଲକେ ତନ୍ଦ୍ରୀ ମମ
ହୁଙ୍କାର ଉଠେ　ବଜ୍ର ନିନାଦ　ପ୍ରଳୟଙ୍କାରୀର ସମ
ଏକାକୀ କୁଟୀରେ ମୁହିଁ
କଳପନା ରଚେ　ମନେ ମୋ ବନ୍ଧୁର　ଭାବି ଭାବି ସରେ ନାହିଁ ।

ରାଜ ପଥ ପରେ　ଛୁଟେ ଜଳଧାରା　ବନ୍ୟାର ସୁଅ ଧରି
ଧୁଆଇ ଧୁଆଇ　ବରଷା ଅସରା　ଲାଗି ରହିଲେ ଅସୁମାରି
ସୁଁ, ସୁଁ, ସୁଁ　ବତାସ ଗରଜେ　ଭାଙ୍ଗିପଡ଼େ ଗଛଲତା
ଚଉଦିଗ ସଦା　ମୁଖରିତ ଆଜି　ହଜିଅଛି ନୀରବତା
ସେଇ ଝଡ଼ ସାଥେ ମାତି
ନିଦାଘ ଅନ୍ତେ　ଧରା ବୁକୁ ପରୁ　ଭାଙ୍ଗି ଯାଇଛି ତାତି ।

ନୂଆ ଅତିଥିର　ନୂଆ ଆଦରରେ　ମତୁଆଳି ତୃଣ ଘନ
ଅଜାଡ଼ୁରେ ବାରି　ଛଳ ଛଳ ନଦୀ　ଗିରି କାନ୍ତାର ବନ
ଭେକ ଡାକି ଉଠେ　ସାନ୍ଧୁ ଗଛ ମୂଳେ　କେଁ କାଁ ରାବ ଦେଇ
ଅନମନା ମୋର　ଝିଙ୍କାରି ରବେ　ମୁଖରିତ ହୁଏ ମନ୍ଦ୍ର
ଗାଁଅ କୃଷୀ ଭାଇ ଆମ
ବେଳ କାଳ ଦେଖି　ପଡ଼ିଯାଏ ଚାଲି　ସାରିବାକୁ କୃଷି କାମ ।

ଉଲ୍ଲାସେ ମନ　ଉଲ୍ଲସାଇ ଉଠେ　ସୁର ଉଠେ ଫୁଟି ମୁଖୁ
ଅଭାଗୀ ବାଳିର　କଳପନା ଝରେ　ଭରିଯାଏ ତାର ବୁକୁ

ତପନ କିରଣେ ପୋଡ଼ିଥାଏ ସବୁ ଗଛ ଲତା ଜଗତରେ
ତୋହର ପରଶେ ନୂଆ ଜୀବ ଲଭି ବନ ସବୁଜିମା ଧରେ
ଟୋପିଏ ଜଳର ପାଇଁ
ତୋଟି ସୁଖେ ନାହିଁ ଜନ ମାନବର ହୋଇ ଗାଲି ହାଇ ହାଇ ।

ବାଟରେ ପଥିକ ଶଙ୍କା ଜପୁଚେ ବରଷାକୁ ଭାବି ଭାବି
ଉଦାସ ନୟନେ ରାହା ଖୋଜେ ଦେଖି ବାଦଲର ରଣ ଛବି
କିନ୍ତୁ ମନେ ମୋ ବେପଥୁ ଜାଗିଛି ମଉଳିଛି ସବୁ ଆଶା
ନାହିଁ ଯଉବନ ନୂଆ କଳପନା ତାଙ୍କେ ଗାଲି ନିରାଶା
ସନ୍ଧ୍ୟା ଘନେଇ ଅସେ
ଜୀବନଟା ଯିନା ବ୍ୟର୍ଥ ହୋଇଛି ମାନସୀ ନାହିଁ ମୋ ପାଶେ ।

ଅତି ନିଦାରୁଣ ବାଦଲ ଭରାଏ ଆଷାଢ଼ର କଳା ରାତି
ଦୁଃଖୀର ମନ ବୁଝିବାକୁ ନାହିଁ ଲକ୍ଷ ଚାନ୍ଦର ସାଥୀ
ଭସା ବଉଦରେ ନେବୁକି ବାରତା କହିବୁ ମୋ ସାଥୀପାଶେ
ଏ ବରଷା ରାତି ବଡେ ଦୁଃଖ ତାତି ଅନାଇ ଜଳଦା-ବାଶେ ।
ଧନ ଯିବ କିବା ରୁହିଁ
କହିବୁରେ ଘନ ମନେ ଆଶା ଦେଇ ନିରାଶ କରିବେ ନାହିଁ ।

# ପ୍ରତୀକ୍ଷା

ସପନ ଦେଶ ରାଜକୁମାରୀ ଆସିବ କି ତମେ ଆସିବ
ବୁଲବୁଲ୍ ମୋ ବେଦନା ରାଗିଣୀ ପରଶେ ତମର ନାଚିବ ।
ଫଗୁଣ ଗନ୍ଧ ଚଇତ ସାଥେ ମଳୟ ସୁରଭି ଉଡ଼ାଇ
ଭଅଁର ଫୁଲ—ନରମ ବୁକୁ ଢାଙ୍କର ଲହରେ ଜଡ଼ାଇ ।
ଆଖି ପଲକେ ଆସଇ ମାଡ଼ି ଢାଳ ବଇଶାଖୀ ଗୋପନେ
ଏସନ କାଳେ ନାହିଁ ଗୋ ପାଶେ ମନ ଝୁରେ କେତେ ସପନେ ।

ମଂଜୁଳ କେଉଁ ବକୁଳ କୁଞ୍ଜେ ଶୋଭାର ପସରା ମେଲଇ
ଲୁଚିଅନାର ଗହନ ଡାଳେ ଯଉବନ ଶିର ଲହରଇ ।
ପୁଷ୍ପ ଶୟନେ ମନ୍ଦ ମଧୁରେ ଛନ୍ଦ କର ଗୋ ରଚନା
ଗୁଣୁ ଗୁଣୁ ସ୍ୱନେ କି ଅବା ଗାଅ ରୂପସୀ ଗୋ ମଧୁବଚନା ।
ମୁଗ୍ଧ ମୁହିଁ ଯେ ତରୁଣ କବି ତମର ରୂପ ଓ ଯୌବନେ
ନାଚେରଙ୍ଗି ଖେଳି ମନ ମୁକୁରେ କବିତା ରଚଇ ଜୀବନେ ।
କ୍ଷଣିକ ଦେଖା ଟିକିକ ସ୍ମୃତି କରିଅଛି ମୋତେ ପାଗଳ
ଦିଅ ନା ବ୍ୟଥା ଆଉ ଏ ପ୍ରାଣେ ସରଳ ମୁଁ ଅତି ସରଳ ।

ସାନ୍ତ୍ୱନା ଦିଏ ପ୍ରାଣେ ମୋ ସଦା ଦିନେ ତ ଆସିବ ସତ୍ୟ ଗୋ ।
କିଏ ବା ଜାଣେ ଜୀବନ ସାରା ଗୃହିଁ ଗୃହିଁ ଯିବ ପାହି ଗୋ ।

# ବସନ୍ତ-ବିରାଗ

ବସନ୍ତ ! ଖାଲି ଘୁଞ୍ଚିଯାଅ ତମେ ମତେ
ମଳୟ ପରଶେ ଦଗ୍ଧ କରନା ଅଙ୍ଗ
କେତେ ନିଦାରୁଣ, ନିରଦୟ ତମେ ସତେ
ବିରହୀ ଜନରେ କରୁଣା ଟିକିଏ ଥାଉ ।

ପରଶେ ତମର ନାଚଯାଏ ବୁକୁ ମୋର
ଧମନୀ ରକତ ବହଇ ଉଜାଣି ଜାଣି
ହୁତାଶନ ଭଳି ଜଳେ ମୋର ପ୍ରତିଶିର
ଦେହେ ଦେହେ ଖାଲି ଚମକ ଦିଅଇ ଆଣି ।

"କୁହୁ କୁହୁ କୁହୁ" ପଞ୍ଚମ ସ୍ୱନ ତୋଳି
ପିକ ପାଟଣ ମୋର ଅଳି କର କାହିଁ ପାଇଁ
କୁହୁ ଗୀତ ଛଳେ ତମର ଗୋପନ କଥା
ବୁଝିବାକୁ ଆଜି ଶକ୍ତି ତ ମୋର ନାହିଁ ।

ମଳୟ ହେ ତମେ ଫୁଲର ସୁରଭି ଆଣି
ବିଞ୍ଚ ନା ଆଉ ମୋର ବାତାୟନ ପଥେ
ବାଦଲ ତମର ଦେଖାଇ ଦିଅ ହେ କରଣୀ
ଶଶୀ ତାରକାଭ ନରମ ଜୋଛନା ସ୍ରୋତେ ।

ଭଲ ଲାଗେ ନାହିଁ ବସନ୍ତ ତମ ଲୀଳା
ପିଅସୀ ମନର ଶୋଷ ଏଥି ମରେ ନାହିଁ
ଫେରିଯା ସଭିଏଁ ଏ ଦୀନ କୁଟୀରୁ ମମ
ପ୍ରିୟା ପାଶେ ନାହିଁ କିଛି ଭଲ ଲାଗେ ନାହିଁ ।

# ଲୋଟଇ ଶେଫାଳୀ ଲୋଟେ ଶରଦ

ଲୋଟଇ ଶେଫାଳୀ ଲୋଟେ ଶରଦ
ଭରିଦଏ ଖାଲି ବୁକେ ଦରଦ ।

ଦିନେ ଥିଲୁ ଆସି ଚନ୍ଦ୍ରିମା ରାତି
ନିମିଷକେ ଆହା ଗଲରେ ବିତି

ଦୃଷି ଆସିଅଛୁ ଉଆଁସ ନିଶି
ସବୁ ଦିନ ପାଇଁ ଜୀବନେ ମିଶି ।

ମୁହିଁକୁ ମୁହିଁର ଦିଶଇ ନାହିଁ
ଭଲ କେଉଁ ସୁଖ ମିଳଇ କାହିଁ ।

ନବ ଯଉବନ ଅଭି-ସାରରେ
ହୃଦୟ ମୁକୁଳା ଦରବାରରେ ।

କେ କହେ ଚନ୍ଦ୍ରିମା ରାତି ଗୋ ସହି
ଆମକୁ ରଖାଇ ଦେବ କି ନାହିଁ ।

ଯେବେ ନ ରହିବା ଗୋପନେ ଆମେ
ରଚନା ହୋଇବ ଆମରି ନାମେ ।

ଜୀବନ ଯା'ଙ୍କର ଦୁଃଖ ପରଶ
କିଏ ଭୁଲି ବସେ ଆଜି ଉଆଁସ ।

ଚକ ପରେ ପରେ ବୁଲୁଛି ଚକ
ଆଶାରେ ଆଶାରେ କିବା ମହକ ।

କିଏ ମନେ କରି ଗତ ଅତୀତ
ଗୁଣୁ ଗୁଣୁ ହୋଇ ଗାଅଇ ଗୀତ ।

ଦିନ ପରେ ଦିନ ଯାଉଛି ବନ୍ଧୁ
ଗୃହୁଁ ରହେ କିଏ ବେଦନା ବନ୍ଧୁ ।

କାହା ମନେ କେବେ ଭରଇ ପ୍ରୀତି
କାହା ହୃଦପୁରେ କରୁଣ ଗୀତି ।

ମନ ଖୋଲି ଲୋକେ ଝୁରଇ ନାହିଁ
ଲୁହ ଦେଇ ଲୁହ ପାଇବ କାହିଁ ।

ଲୁହ ଦେଇ ଯେବେ ନ ପାଅ ଲୁହ
ତେବେ ଏ ଜୀବନେ କି ଅଛି କହ ।

ଗୁଢ ରାତି ଥିଲା ନିମିଷ ପାଇଁ
ଜୁଅସିଁ ରାତିର କଳନା ନାହିଁ ।

ତେଣୁ ଏ ଦରଦୀ ମନେ ଦରଦ
ଲୋଟଇ ଶେଫାଳୀ ଲୋଟେ ଶରଦ ।

# ଦୂର ବିଦେଶେ

ଦୂର ବିଦେଶରେ ଖାଲି ମନ ଥରେ ଥରେ
ଲୁହେଁ ଯଦି ଦେଖିବାକୁ ତମ ମୁଖ ବାରେ ।

ନାଚିଯାଏ ନୟନର ପ୍ରାନ୍ତୁ ପ୍ରାନ୍ତ ଯାଏ
ତମର ଶୋଭା ପସରା ଅସରନ୍ତି ପ୍ରାଚ୍ୟେ ।

ସୁଗୋଲ ଆନନ ଛବି ରେଖାଙ୍କିତ ଭୁରୁ
ଚିଟୁଲ ଅଧର ପରେ ଛିଲ ଚହ୍ନା ସରୁ ।

ଉନ୍ନତ ବକ୍ଷର ବେଣୀ ଯୌବନ କଳିକା
କ୍ଷୀଣ କଟୀ ଧୀର ବାଣୀ ମନ ପ୍ରାଣ ହରା ।

ବିଦାୟ ବେଳର ଭାଷା ଭୁଲିବନି ପ୍ରିୟ
ଆଜି ବି ମନଟା ମୋର କରଇ ଅଥୟ ।

ଏତେ କର୍ମ ଅନୁଷ୍ଠାନ ଏତେ ଦାୟିତ୍ୱରେ
ମୋ ମନ ତୁମକୁ ରାଣୀ ଭୁଲିତ ନ ପାରେ ।

ଦୀର୍ଘ ବ୍ୟବଧାନ ପରେ ମିଳନର ଆଶା
ରଙ୍ଗି ସଙ୍ଗି ପଦେ ପଦେ ଲେଖୁଥିବ ଭାଷା ।



# ସମ୍ବୋଧନ

ଥର ଥର ହସ୍ତ ଯେତେ ଲେଖେ ଚିଠି ଭାବେ
ପାଏ ନା ତ ଖଣ୍ଡେ ଉତ୍ତର ଭଲ ହେବେ
ସବୁଥିରେ ଖାଲି ସଂସାର ଗୁଚ୍ଛ ଭାରେ
ଦଳିତ ମଥିତ ସମସ୍ତ ତ ନାହିଁ ଲଭେ ।

ଯେତେ ନୂଆ ନୂଆ ସମ୍ବୋଧନ ମୁଁ ଆଣି
ଖଞ୍ଜି ଦିଏ ତାର ଚିଠି ପରେ ଠାଏ ଠାଏ
ଉତ୍ତର ପାଇଁ ବସିଥାଏ ଦିନ ଗଣି
"ସାଥୀ" ଛଡ଼ା ଆଉ ଦ୍ୱିତୀୟ ତ ନାହିଁ ପାଏ ।

ଦିନ ଦିନ ଖାଲି ଜୀବନ ସମରେ ଯୁଝି
ଜର ଜର ତନୁ ପେଷଣି ଅତ୍ୟାଗ୍ନିରେ
ପ୍ରତି ଥର ଖାଲି ମଧୁର ସମ୍ବୋଧନ
ଆଶା ସିନା ରହେ ଆଶା ପର ମୋହଠାରେ ।

# ସପନ ଦେଖା

ସୁନ୍ଦର ତମେ ଆସିଥିଲ ଅଙ୍କ ପ୍ରାନ୍ତେ
ସୁରଭି ଶୀତଳ ମନ୍ଦ ମଳୟ ସାଥେ
ହସ୍ତରେ ଧରି ବଂଶୀ—ମୋହନ ବୀଣା
ସୁର ଥିଲା ତମ ସ୍ପନ୍ଦିଲ ମନ କୋଣା

ଭାଙ୍ଗିଲା ବେଣୁ ଆସିଲି ମୁହିଁ
ଦେଖିଲି କେହୁ ନାହିଁ ଗୋ ନାହିଁ
ମିଳନଠାରେ ଖାଲି ଦାଉ ସାଧ ଲୁଅଁ
ଜନମ ଦୁଃଖିନୀ ସାଥେ
ସପନରେ ତେବେ ଦେଖା କିଅଁ ହେଲ
ମନେ ଯାଏ ନାହିଁ ପ୍ରତେ
ସୁନ୍ଦର ! ସତେ ଆସିଥିଲ ଅଙ୍କ ପ୍ରାନ୍ତେ ? ? ?

# ମିଳନ ପରେ

ଏହିପରି ଦିନେ ହସୁଥିଲା ଶଶୀ ଦୂର ଆକାଶର ପାରେ
ଏହିପରି ଦିନେ ବହୁଥିଲା ବାଆ ନୀଳ ଯମୁନାର ତୀରେ
ଏହିପରି ଦିନେ ନିଶୀଥିନୀ ତଳେ ବସିଥିଲି ଉନ୍ମନେ
ତମର ଆସିବା ପଥଟିକୁ ଚାହିଁ ଗୁଣି ହେଉଥିଲି ମନେ ।
ଚନ୍ଦ୍ର ପରଶେ ଫୁଟି ଉଠିଥିଲା ଅଦୂର ନଦୀର ଜଳ
ଝଳ ଉଜ୍ଜ୍ୱଳ ଚନ୍ଦ୍ର ଆଲୋକେ ଡାକୁଥିଲା ଛଳ ଛଳ
ଅଦୂରେ କପୋତ ଡାକିଯାଉଥିଲା ବିଲବନ ପଥ ଭରି
ଏହିପରି ଦିନେ ହସୁଥିଲା ଶଶୀ ମନ କଥା ମନେ ମାରି ।

ତମ ଅଭିସାର ପଥଟିକୁ ଖାଲି ଚାହିଁ ମୁଁ ଅନବରତ
ମନେ ମନେ ନାନା ଅସାର ଆଶାରେ ବିଚଳିତ ହେଲା ଚିତ୍ତ
କଅଁଳ ଘାସର ଶେଯ ପରେ ମୋର ଅବଶ ଦେହକୁ ରଖି
ନିମିଷ ନିମିଷେ ଏ ମର ଜୀବନ ମଧୁ ଯାଉଥିଲି ଚାଖି ।

ସହସା ଶୁଭିଲା କର୍ଣ୍ଣପୁଟେ ମୋ ତମର ନୂପୁର ଧ୍ୱନି
ଶବଦ ବାରିଗୋ କା ଶବଦ ବୋଲି ଅନମନା ହେଲି ପୁଣି
ପଛୁ ଆସି ଧୀରେ ପ୍ରିୟତମ ବୋଲି ମୁଦିଲ ମୋ ବେନି ଆଖି
"ଛାଡ଼ ଛାଡ଼" କହୁ ଅତି ଚଞ୍ଚଳେ କୋଳେ ଟାଣି ନେଲି ସଖି

ଲାଜ ଭରି ତମ ରଙ୍ଗା ଅଧର ସଧୀରେ ପଡ଼ିଲା ନଇଁ
ଥରେ ଥରେ ଖାଲି ଓଠ ପୃଠ ମମ ପରଶ ପାଇବା ପାଇଁ
ବକ୍ଷପରେ ମମ ତବ ବୁକୁଥିଲା ଘନ ବିଦ୍ୟୁତ ସମ
ଜୀବନେ ଲାଗିଲା ଅଜଣା ସ୍ପର୍ଶ ବନ୍ଦନ ଅବିରାମ ।
ବର୍ଷିଲା ଶଶୀ ଜୋଛନା ପରାଗ କୋମଳ ଶରୀର ପାଇ
ଅଧର ଥରିଲା ଅଧର ପରଶେ କଲି ତମେ "ନାହିଁ ନାହିଁ"

ଚୁପି ଚୁପି କରି ପ୍ରଣୟର କଥା ହେଲେ କେତେ କୁହା କୁହି
ସାକ୍ଷୀ ରହିଲା ପାଶ ସହକାର ତରୁଣ ପଲ୍ଲବ ଭୁଇ ।
ପାଞ୍ଚିଲ ମନେ କାଲି ଅଭିସାର ଅତି ମଧୁମୟ ଆସେ
ଅଧରେ ମୋ ଏକ ଚୁମ୍ବନ ଦେଇ ବାହୁଡ଼ିଲ ତମ ବାସେ
ଦିନ ଦିନ ଧରି ରହିଲି ତାପରେ ଅଭିସାର ପଥ ଚାହିଁ
ଫଗୁଣ ଆସିଲା—ଗୋଲାପ ହସିଲା—ତମେତ ଆସିଲ ନାହିଁ ।

× × ×  × × ×  × × ×

ଜାଣିଲି ତା'ପରେ ମୋର ନୁହଁ ଆଜ ବନ୍ଦିନୀ ତମେ ପ୍ରିୟା
ନିଠୁର ସମାଜ ଭୀମ କଶାଘାତେ ପର ପୁରେ ଯାଇ ଥିଆ
କି ହେଲା, କି ହେଲା ଭାବି ଭାବି ପୁଣି ଘୂରିଲା ମୋହର ମଥା
ଅସାର ଦୁନିଆଁ ମୂର୍ଖ ବାହୁ ହେ, କି ବୁଝିବ କାହା କଥା ।
ଏତେ ଭଲ ପାଇ ପ୍ରିୟାକୁ ମୋହର ନିଜର ନକଲି ଯେବେ
ବେଦନାର ଝଡ଼ ପରାଣେ ସଇତି ବଞ୍ଚି କି ଲଭି ତେବେ
କୋଟି କୋଟି ଆଶା ମାନସେ ଆସି ମୋ ଗୋଟି ଗୋଟି ହୁଏ ଲୀନ
ଚିରଦିନ ପାଇଁ ତୁମ ଆଗେ ମୁହିଁ ଆଶାରେ ସନ୍ଧାନ ।
ଆଜି ବି ହସୁଛି ଦଶମୀଚନ୍ଦ୍ର ସୁଦୂର ଆକାଶ ପାରେ
ଆଜି ବି ବହୁଛି ସୁଲୁ ସୁଲୁ ବାଆ ନୀଳ ଯମୁନାର ତୀରେ
ଜାଗିଛି ବୁକୁରେ ନଇରାଶ ଝଡ଼ ବସିଛି ଉନ୍ମନେ
ଏହାପରେ ସବୁ ଚୁହାନ୍ତି କି ଖାଲି ଜୀବନର ବାତାୟନେ ।



ନଂ 200